୨୬ ବର୍ଷରେ

ସର୍ବଧର୍ମ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ


# ପର୍ଯ୍ୟବେକ୍ଷକ

PARYABEKHYAK — ପର୍ଯ୍ୟବେକ୍ଷକ

Vol.26 . No.42 Bhubaneswar Tuesday March 19 2024 | ୨୬ତମ ବର୍ଷ | ସଂଖ୍ୟା-୪୨ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS


# ପୁରୀ ଓ କେନ୍ଦ୍ରାପଡା ପ୍ରାର୍ଥୀଙ୍କୁ ବିଜେଡିର ଗ୍ରୀନ୍ ସିଗନାଲ୍, କେନ୍ଦ୍ରୀୟ ଟିମ୍‌ଙ୍କୁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଦେଲା ରାଜ୍ୟ ବିଜେପି

ଭୁବନେଶ୍ୱର,୧୮ ।୩(ପି.ଏନ): ନିର୍ବାଚନୀ ବିଗୁଲ ବାଜିବା ପରେ ବି ରାଜ୍ୟରେ ବିଜେପି ଓ ବିଜେଡି ମଧ୍ୟରେ ନିର୍ବାଚନୀ ମେଂଟକୁ ନେଇ ସସପେନ୍ସ ବଳବତ୍ତର ରହିଛି । ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ପାଇଁ ପ୍ରାର୍ଥୀପତ୍ର ଦାଖଲକୁ ଆଉ ମାସେ ବାକି ଥିବାରୁ ମେଂଟ ଦ୍ୱନ୍ଦ୍ୱ ମଧ୍ୟରେ ଦୁଇ ଦଳ ନିଜ ନିଜ ସ୍ତରରେ ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ବିଜେଡି ଆଜି ଉଭୟ ପୁରୀ ଓ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରରେ ଲଢ଼ିବା ପାଇଁ ଦଳୀୟ ନେତାଙ୍କୁ ଗ୍ରୀନ୍ ସିଗନାଲ ଦେଇଥିବାବେଳେ ରାଜ୍ୟ ବିଜେପି ମଧ୍ୟ ଅନୁରୂପ ଭାବେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା କେନ୍ଦ୍ରୀୟ ନେତୃତ୍ୱ (ସଂସଦୀୟ କମିଟି)ଙ୍କୁ ହସ୍ତାନ୍ତର କରିଛି । ଗତ ଶୁକ୍ରବାର ରାଜ୍ୟ ବିଜେପିର କୋର୍ ଟିମ୍ ବୈଠକରେ ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡାନ୍ତ ହୋଇଥିଲା । ପୁରୀ ଓ କେନ୍ଦ୍ରାପଡା ଲୋକସଭା ଆସନ ଓ ଏହା ଅନ୍ତର୍ଗତ ସମସ୍ତ ବିଧାନସଭା ଆସନରୁ କିଏ ଦଳୀୟ ପ୍ରାର୍ଥୀ ହେବେ ସେ ନେଇ ମଧ୍ୟ ଗ୍ରୀନ୍ ସିଗନାଲ ଆଜି ବିଜେଡି ନେତୃତ୍ୱ ଦେଇଥିବା ଜଣାପଡିଛି ।ସୂଚନା ଅନୁସାରେ, ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ମେଂଟକୁ ନେଇ ଦିନ ଗଡୁଥିବାବେଳେ



ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଦ୍ୱିତୀୟ ପ୍ରଭାବଶାଳୀ ନେତା ଭିକେ ପାଣ୍ଡିଆନ ଆଜି ଉଭୟ ପୁରୀ ଓ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରର ନେତାମାନଙ୍କୁ ଭିନ୍ନ ଭିନ୍ନ ସମୟରେ ଭେଟି ସାଂଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ପୁରୀ ଓ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରର ସମସ୍ତ ବିଧାନସଭା କ୍ଷେତ୍ର ପାଇଁ ମଧ୍ୟ ଦଳୀୟ ନେତାମାନଙ୍କୁ ସାଂଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଏହି ଦୁଇ ସଂସଦୀୟ କ୍ଷେତ୍ରର ଆଲୋଚନାବେଳେ ସାଂଗଠନିକ ସମ୍ପାଦକଙ୍କ ସମେତ ଦଳୀୟ ପର୍ଯ୍ୟବେକ୍ଷକମାନେ ମଧ୍ୟ ଉପସ୍ଥିତ ଥିଲେ । ବିଜେଡି ସୂତ୍ର ଅନୁସାରେ, ପୁରୀ ସଂସଦୀୟ କ୍ଷେତ୍ରର ସମସ୍ତ ୭ଟି ଯାକ ବିଧାନସଭା ଆସନ ଓ ଲୋକସଭା ଆସନ ପାଇଁ ଦଳୀୟ ନେତାଙ୍କୁ ସାଂଗଠନିକ କାର୍ଯ୍ୟ ଜୋରଦାର କରିବାକୁ ପରାମର୍ଶ ଦିଆଯାଇଛି । ଆଜିର ବୈଠକରେ ପୁରୀ ସଂସଦୀୟ ଆସନରୁ ଅରୂପ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ହେବେ ବୋଲି ବିଜେଡି ନେତୃତ୍ୱ ସବୁଜ ସଙ୍କେତ ଦେଇଛନ୍ତି । ଏହାଛଡା ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନୟାଗଡ ବିଧାନସଭା ଆସନରୁ ଅରୁଣ ସାହୁ, ରଣପୁରରୁ ସତ୍ୟନାରାୟଣ ପ୍ରଧାନ, ଚିଲିକାରୁ ପ୍ରସନ୍ନ ପାଟଶାଣୀ, ବ୍ରହ୍ମଗିରିରୁ ଉମା ସାମନ୍ତରାୟ,ସତ୍ୟବାଦୀରୁ ସଞ୍ଜୟ ଦାସବର୍ମା, ପିପିଲିରୁ ରୁଦ୍ର ମହାରଥୀ ଓ ପୁରୀରୁ ସୁନୀଲ ମହାନ୍ତି (ଦିବଂଗତ ମହେଶ୍ୱର ମହାନ୍ତିଙ୍କ ପୁଅ) ଙ୍କୁ ଦଳୀୟ ସଂଗଠନ କାର୍ଯ୍ୟକ୍ରମ କରିବା ପାଇଁ ସଙ୍କେତ ଦିଆଯାଇଛି ।

## ଓଡିଶା ପୋଲିସର ଗୁରୁତ୍ୱପୂର୍ଣ୍ଣ ବୈଠକ, ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା

ଭୁବନେଶ୍ୱର,୧୮ ।୩(ପି.ଏନ): ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଡିଜି କ୍ୟାମ୍ପ ଅଫିସରେ ଓଡିଶା ପୋଲିସର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୋଲିସ ଡିଜି ଅରୁଣ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ଗୁଇନ୍ଦା ଆଇଜି ଅନୁପ ସାହୁ, ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗର ଡିଆଇଜି ଉମା ଶଙ୍କର ଦାଶଙ୍କ ସମେତ SIW ଡିଆଇଜି ଏବଂ ବହୁ ବରିଷ୍ଠ ଆଇପିଏସ୍ ଅଧିକାରୀ ଉପସ୍ଥିତ ଥିଲେ । ଏହା ସହ ଭିଡିଓ



କନଫରେନ୍ସିଂରେ ସବୁ ଜିଲ୍ଲା ଏସ୍ପି ମଧ୍ୟ ଏହି ବୈଠକରେ ଯୋଡି ହୋଇଛନ୍ତି । ନିର୍ବାଚନ ପ୍ରସ୍ତୁତି ନେଇ ବୈଠକରେ ଆଲୋଚନା କରାଯାଇଥିଲା ।

## ମେଣ୍ଟ ଚର୍ଚ୍ଚା ଭିତରେ ପୁଣି ଦିଲ୍ଲୀ ଗସ୍ତରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ

ଭୁବନେଶ୍ୱର,୧୮ ।୩(ପି.ଏନ): ମେଣ୍ଟ ଚର୍ଚ୍ଚା ଭିତରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପୁଣି ଦିଲ୍ଲୀ ଗସ୍ତରେ ଯାଇଛନ୍ତି । । ରାଜ୍ୟ ନିର୍ବାଚନ କମିଟି ବୈଠକରେ ପ୍ରସ୍ତୁତ ହୋଇଥିବା ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ନେଇ ମନମୋହନ ସାମଲ ଦିଲ୍ଲୀ ଗସ୍ତ କରିଥିବା କୁହାଯାଇଛି । ଏହି ତାଲିକା କେନ୍ଦ୍ରୀୟ ନିର୍ବାଚନ କମିଟିକୁ ସେ ହସ୍ତାନ୍ତର କରିବେ । କେନ୍ଦ୍ରୀୟ କମିଟି ପ୍ରାର୍ଥୀ ତାଲିକା ଉପରେ ଚୂଡାନ୍ତ ମୋହର ମାରିବ । ଆଜି ଦିଲ୍ଲୀରେ କୋର କମିଟି ବୈଠକ ବସୁଛି । ଏଥିରେ ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ବିଏଲ୍ ସନ୍ତୋଷ ପ୍ରମୁଖ ସାମିଲ ହେବେ । ତେଣୁ କୋର କମିଟି ବୈଠକରେ କାହା ନାଁରେ ଚୂଡାନ୍ତ ମୋହର ବାଜିବ ତା ଉପରେ ନଜର ରହିଛି ।

## କେନ୍ଦୁଝରରେ ଅଖଣ୍ଡ ବନ୍ଦ: ଷ୍ଟେସନରେ ୨ଟି ଟ୍ରେନ୍‌କୁ ଅଟକ ରଖି ପ୍ରତିବାଦ

କେନ୍ଦୁଝର,୧୮ ।୩(ପି.ଏନ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଶୁଆକାଟି ସ୍ଥିତ ଓଏମ୍‌ସି ଖଣିରୁ କେନ୍ଦୁଝର ସଦର ବ୍ଲକ୍ ଗୋହାଳଡିହି ରେଳସାଇଡିଂ ପର୍ଯ୍ୟନ୍ତ ରେଳପଥ ସଂଯୋଗୀକରଣକୁ ବିରୋଧ କରି ଆଜି ଟ୍ରକ ମାଲିକ ସଂଘ ପକ୍ଷରୁ ୨୪ ଘଣ୍ଟିଆ କେନ୍ଦୁଝର ବନ୍ଦ ଡାକରା ଦିଆଯାଇଛି । ବନ୍ଦକୁ ୧୫ ସଂଗଠନ ପକ୍ଷରୁ ସମର୍ଥନ ଦିଆଯାଇଛି । ତେବେ ବନ୍ଦରୁ ଆମ୍ବୁଲାନ୍ସ, ଅଗ୍ନିଶମ, କ୍ଷୀରଗାଡି, ସ୍କୁଲ ଓ କଲେଜ ବସ୍ ସମେତ ଜରୁରୀ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଛି । କେନ୍ଦୁଝର ଷ୍ଟେସନରେ ୨ଟି ଟ୍ରେନ୍‌କୁ ଅଟକ ରଖି ପ୍ରତିବାଦ କରିଛନ୍ତି ଆନ୍ଦୋଳନକାରୀ । ବନ୍ଦର ପ୍ରଭାବରେ ଦୋକାନବଜାର ବନ୍ଦ ରହିଛି । ଗାଡି ଚଳାଚଳ ଠପ୍ ହୋଇଯାଇଛି ।

## ଆଇପିଏଲରେ ଏଥର ଶୁଣିବାକୁ ମିଳିବନି ଓଡିଆ କମେଣ୍ଟ୍ରୀ

ଭୁବନେଶ୍ୱର,୧୮ ।୩(ପି.ଏନ): ମାର୍ଚ୍ଚ ୨୨ରୁ ଆରମ୍ଭ ହେବ ଆଇପିଏଲର ୨୦୨୪ ସଂସ୍କରଣ । ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ । ହେଲେ ଏଥର ଆଇପିଏଲରେ ଶୁଣିବାକୁ ମିଳିବ ନାହିଁ ଓଡିଆ କମେଣ୍ଟ୍ରୀ । ସେହିପରି ଓଡିଆ ଗ୍ରାଫିକ୍ସ ମଧ୍ୟ ଦେଖିବାକୁ ମିଳିବ ନାହିଁ । କାରଣ ଓଡିଆ ଭାଷାକୁ କମେଣ୍ଟ୍ରୀ ତାଲିକାରୁ ବାଦ ଦିଆଯାଇଛି ।ଓଡିଆ ଭାଷାକୁ ବାଦ ଦିଆଯାଇଥିଲେ ମଧ୍ୟ ହିନ୍ଦୀ ଓ ଇଂଲିଶ ସମେତ ତେଲୁଗୁ, ତାମିଲ, କନ୍ନଡ, ମରାଠି, ଭୋଜପୁରୀ ଓ ଗୁଜରାଟୀ ଭଳି ୮ଟି ଭାଷାରେ ଆଇପିଏଲର ମଜା ଉଠାପାରିବେ ଦର୍ଶକ । ଜିଓ ସିନେମାରେ ଥିବା ଭାଷା ବିକଳ୍ପକୁ ଯାଇ ନିଜ ପସନ୍ଦ ଅନୁସାରେ ଲୋକମାନେ ଆଇପିଏଲ ଦେଖିପାରିବେ । ଓଡିଆ ଭାଷା ବାଦ ପଡିବାରୁ ରାଜ୍ୟବାସୀଙ୍କୁ ଏହା ନିରାଶ କରିଛି । ୨୦୨୩ ଆଇପିଏଲରେ ପ୍ରଥମଥର ପାଇଁ ଓଡିଆ ଭାଷାରେ ଆଇପିଏଲର ମଜା ଉଠାଇଥିଲେ କ୍ରିକେଟ ପ୍ୟାନ୍ସ । ଆଇପିଏଲର ମ୍ୟାଚ୍ ପୂର୍ବରୁ ଓଡିଆରେ 'କ୍ରିକେଟ ଲାଇଭ୍' କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା । ପ୍ରଥମଥର ଲାଗି ଓଡିଆ ଭାଷାରେ ମଧ୍ୟ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

## ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ

ମାଲକାନଗିରି,୧୮ ।୩(ପି.ଏନ): ୨୦୨୪ ସାଧାରଣ ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନର ( ଇସିଆଇ ) ୧୬ ମାର୍ଚ୍ଚ ଅପରାହ୍ନ ୩ଟାରେ ତାରିଖ ଘୋଷଣା କରିଛନ୍ତି । ଏଥି ସହିତ ସାରା ଦେଶରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ପାଇଁ ଆଦର୍ଶ ଆଚରଣ ବିଧି (ଏମ ସି ସି) ଲାଗୁ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ନିର୍ବାଚନ ଅଧିକାରୀ, ସଚିନ ପାୱାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ରାଜନୈତିକ ଦଳ ଓ ସାମ୍ବାଦିକଙ୍କ ସହ ଏକ ବୈଠକ ଆୟୋଜନ କରି ସମସ୍ତ ସୂଚନା ପ୍ରଦାନ କରିଛନ୍ତି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡିଂକୁ ବାହାର କରିବା ସହ ପ୍ରାଚୀରରେ ଚିତ୍ରିତ ହୋଇଥିବା ସରକାରୀ ବିଜ୍ଞାପନକୁ ଧଳା ଚୂନରେ ରଙ୍ଗ କରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ରାଜନୈତିକ ଦଳ ମାନଙ୍କୁ ଏମସିସି ନିମନ୍ତେ କଣ ସବୁ ଦାୟିତ୍ୱ ଓ ନିୟମ ରହିଛି ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ କୁହାଯାଇଥିଲା । ସମସ୍ତ ପ୍ରକାର ସଭା ସମିତି ଓ ଶୋଭା ଯାତ୍ରା ଅନୁମତି ପାଇଁ ସୁବିଧା ପୋର୍ଟାଲ ମାଧ୍ୟମରେ ଆବେଦନ କରି ପାରିବେ । ଯାହାକୁ ଯଥା ଶୀଘ୍ର ତଥା ୨୪ ଘଣ୍ଟା ମଧ୍ୟରେ ଅନୁମତି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେହିପରି ମତଦାନ ପାଇଁ ମହିଳା ଓ



ପୁରୁଷଙ୍କ ବ୍ୟତୀତ ଭିନ୍ନକ୍ଷମ, ଗର୍ଭବତୀ, କିନ୍ନର ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା କରାଯିବ । ସେହିପରି ସି ଭିଜିଲ ଆପ୍ ରେ ପଞ୍ଜିକରଣ କରି ଅଭିଯୋଗ ଦାଖଲ କରି ପାରିବେ । ପ୍ରାର୍ଥୀଙ୍କ ସମସ୍ତ ସୂଚନା ନିମନ୍ତେ କେ ୱାଇ ସି ଆପ ମାଧ୍ୟମରେ ସମସ୍ତ ସୂଚନା ମିଳି ପାରିବ । ଜିଲ୍ଲା ସ୍ତରରେ ଏମସିଏମସି କମିଟି ମାଧ୍ୟମରେ ବିଭିନ୍ନ ବିଜ୍ଞାପନ ଓ ସମ୍ବାଦ କୁ ତର୍ଜମା କରାଯିବ । ବିଭିନ୍ନ ସୂଚନା ଓ ଅଭିଯୋଗ ପାଇଁ ଦେୟମୁକ୍ତ ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ୧୯୫୦ ମାଧ୍ୟମରେ ଆବଶ୍ୟକୀୟ ସୂଚନା ଓ ଅଭିଯୋଗ ଦାଖଲ କରିପାରିବେ । ଜିଲ୍ଲାରେ ବର୍ତ୍ତମାନ ୪୪୯୨୨୯ ଜଣଙ୍କ ମଧ୍ୟରୁ ୨୧୭୭୪୦ ଜଣ ପୁରୁଷ, ,୨୩୧୪୪୫ ଜଣ ମହିଳା ଓ ୪୪ ଜଣ କିନ୍ନର ଭୋଟର ରହିଥିବା ବେଳେ ଜିଲ୍ଲାରେ ୧୦୦୦ ପୁରୁଷଙ୍କ ପିଛା ୧୦୬୩ ମହିଳା ଭୋଟର ରହିଛନ୍ତି । ଜିଲ୍ଲାରେ ୩୯୧୮ ଜଣ ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି । ଜିଲ୍ଲାରେ ୪୧ ଗୋଟି ଆଦର୍ଶ ପୋଲିଂ ବୁଥ ରହିଛି । ତନ୍ମଧ୍ୟରୁ ୨୯ ଟି ସଖୀ ବୁଥ ଯେଉଁଠାରେ କେବଳ ମହିଳା ଅଧିକାରୀ ନିୟୋଜିତ ହେବେ । ୧୦ଟି ଯୁବ ପୋଲିଂ ବୁଥ ଓ ୨ଟି ଭିନ୍ନକ୍ଷମ ବୁଥ ରହିବ । ସେହିପରି ଭୋଟ ଦେବାର ଗୋପନୀୟତାକୁ ରକ୍ଷା କରି ୬୦ ପ୍ରତିଶତ ବୁଥ କୁ ୱେବ୍ କାଷ୍ଟିଂ କରାଯିବ ଯାହାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ରାଜ୍ୟ ନିର୍ବାଚନ ଆୟୋଗ ନିରୀକ୍ଷଣ କରିବେ । ଏହା ସହ ସ୍ୱଚ୍ଛ ମତଦାନ ପାଇଁ ମାଇକ୍ରୋ ଅବଜରଭର ଓ ଭିଡ଼ିଓଗ୍ରାଫି ବ୍ୟବସ୍ଥା କରାଯିବ । ନିର୍ବାଚନକୁ ସଫଳ ରୂପେ ଆୟୋଜନ ପାଇଁ ସମସ୍ତ ଟିମ୍ ଗଠନ କରାଯାଇସାରିଛି । ଏକ ସଫଳ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଅଧିକରୁ ଅଧିକ ମତଦାତା ନିର୍ବାଚନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ, ପ୍ରତାପ କଟାପଲ୍ଲି, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ, ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ସିଡିଓ ତଥା ଇଓ, ନରେଶ ଚନ୍ଦ୍ର ଶବର ଓ ଉପଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଉପସ୍ଥିତ ଥିଲେ ।

## ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀ ମାନଙ୍କୁ ନେଇ କର୍ମୀ ସମ୍ମିଳନୀ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),୧୮ ।୩(ପି.ଏନ): ରବିବାର ଦିନ ସନ୍ଧ୍ୟା ସମୟ ରେ ମାନ୍ୟବର ସାନଖେମୁଣ୍ଡି ବିଧାୟକ ଙ୍କ ଫାର୍ମ ହାଉସ ଠାରେ କଂଗ୍ରେସ କର୍ମୀ ମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଆୟୋଜନ ହୋଇଅଛି । ଏହି ସମ୍ମିଳନୀ କାର୍ଯ୍ୟକ୍ରମ ରେ ବଡଖେମୁଣ୍ଡି ର ଯୁବ ରାଜ ଶ୍ରୀ ଶ୍ରୀଧର ଦେଓ ବିଜେପି ଛାଡି କଂଗ୍ରେସ ଦଳ ରେ ଯୋଗ ଦେଇଛନ୍ତି । ଶ୍ରୀ ଦେଓ ଦିଗପହଣ୍ଡି ନିର୍ବାଚନ ର ବିଜେପି ବିଧାୟକ ପ୍ରାର୍ଥୀ ଭାବେ ରହି ଆସିଥିଲେ । ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ର ଉପାଧ୍ୟକ୍ଷ ତଥା ସାନଖେମୁଣ୍ଡି ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ଜେନା ଙ୍କ ନିର୍ଦ୍ଦେଶନା ଓ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ର ଦୁଇ ଟି ବ୍ଲକ ଯଥା ଦିଗପହଣ୍ଡି ବ୍ଲକ କଂଗ୍ରେସ ସଭାପତି ଶ୍ରୀ ଅଭିମନ୍ୟୁ ଜାନୀ ଓ କୁକୁଡ଼ାଖଣ୍ଡି ବ୍ଲକ କଂଗ୍ରେସ ସଭାପତି ପି. ଶିବପ୍ରସାଦ ଦୋରା ଙ୍କ ନେତୃତ୍ୱରେ ରେ କଂଗ୍ରେସ ଦଳ ରେ ଯୋଗ ଦେବା ସହ ପାଞ୍ଚଶହ ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ କର୍ମୀ ସମ୍ମିଳନୀ ଯୋଗ ଦେଇଥିଲେ । ଏହି କର୍ମୀ ସମ୍ମିଳନୀ ରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ କିପରି ବିପୁଳ ମାତ୍ର ରେ ବିଜୟ ଲାଭ କରିବ ସେ ଉପରେ ଶ୍ରୀ ଜେନା ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କଂଗ୍ରେସ ଉପସଭାପତି ରସାନନ୍ଦ ରାଉତ, ଜିଲ୍ଲା ଦିଗପହଣ୍ଡି ଘଇଉ ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ ପଣ୍ଡା, ଦିଗପହଣ୍ଡି କାଉନସିଲର ଦୀପକ ମିଶ୍ର, ଦିଗପହଣ୍ଡି ବରିଷ୍ଠ କଂଗ୍ରେସ ନେତା କୁନା ପାତ୍ର, ଜିଲ୍ଲା କଂଗ୍ରେସ ସମ୍ପାଦକ କେ କୁନା,ସିହଳା ସରପଞ୍ଚ ପ୍ରତିନିଧି ବାବୁ ଗୌଡ,ଫାସିଗୁଡା ସରପଞ୍ଚ ଶିବରାମ ପ୍ରଧାନ କୁକୁଡ଼ାଖଣ୍ଡି ପଞ୍ଚାୟତ ର ଦୁଇ ପୂର୍ବତନ ସରପଞ୍ଚ ଅଦଳ ଭରତ,ସୁଦର୍ଶନ ସେଠୀ,ମସିଆଖାଲି ପୂର୍ବତନ ସରପଞ୍ଚ ମନୋଜ ସେଠୀ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା କଂଗ୍ରେସ କର୍ମୀ ଓ ଜନସାଧାରଣ ଉପସ୍ଥିତ ରହିଆସିଥିଲେ ।

## ରାଜଧାନୀ ରାଣୀ ମହୁମାଛି ବଲାଙ୍ଗିର ଟାଉନ୍‌ରେ କରୁଥିଲେ ଖେଳ

ଭୁବନେଶ୍ୱର,୧୮ ।୩(ପି.ଏନ): ରାଜଧାନୀ ଭୁବନେଶ୍ୱରର ରାଣୀ ମହୁମାଛି ବଲାଙ୍ଗିର ଟାଉନ୍‌ରେ ମେଲାଇଥିଲେ ଦେହ ବେପାରର ପସରା । ଯୋଗାଉଥିଲେ ସୁନ୍ଦରୀ ସୁନ୍ଦରୀ ଯୁବତୀ ! ଆଉ ଦେଉଥିଲେ ଦେହର ସୁଖ । ସେଥିପାଇଁ ଲାଗୁଥିଲା ଗ୍ରାହକଙ୍କ ଭିଡ । ସଞ୍ଜ ନଇଁ ଆସିଲେ ଭଡା ଘରେ ଲାଗୁଥିଲା ଗ୍ରାହକଙ୍କ ପ୍ରବଳ ଭିଡ । ରବିବାର ବିଳମ୍ବିତ ରାତିରେ ସେହି ଘରେ ପୁଲିସ୍ ଚଢ଼ଉ କରି ୪ ଯୁବତୀ ଓ ୪ ଗ୍ରାହକଙ୍କୁ ଉଦ୍ଧାର କରିଛି । ହେଲେ ଚମ୍ପଟ ମାରିଛନ୍ତି ରାଣୀ ମହୁମାଛି ଓ ତାଙ୍କ ପୁରୁଷ ବନ୍ଧୁ ।ରାଜଧାନୀ ଭୁବନଶ୍ୱରର ରାଣୀ ମହୁମାଛି ଓ ତାଙ୍କ ପୁରୁଷ ବନ୍ଧୁ ବଲାଙ୍ଗିର ଟାଉନ୍



ଖରସେଲପଡାରେ ଗୋଟିଏ ଘର ଭଡା ନେଇଥିଲେ । ଦୀର୍ଘ ଦିନ ସେମାନେ ସେଠାରେ ଚଳାଇଥିଲେ ସେକ୍ସ ରାକେଟ୍ । ଭୁବନେଶ୍ୱରରୁ ଯୁବତୀମାନଙ୍କୁ ନେଇ ଦେହ ବେପାରରେ ନିୟୋଜିତ କରୁଥିଲେ । ଯେତେ ସୁନ୍ଦରୀ, ସେତେ ଟଙ୍କା । ସେହି ହିସାବରେ ଗ୍ରାହକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ । ଆଉ ମାଲାମାଲ୍ ହେଉଥିଲେ । ତେଣୁ ରାତି ହେଲେ ସେଠାରେ ଲାଗୁଥିଲା ଭିଡ । ରାତି ଯେତେ ବଢୁଥିଲା ଗ୍ରାହକଙ୍କ ଭିଡ ସେତେ ହେଉଥିଲା ।

## ବିଜେପି-ଶିବସେନା ମେଣ୍ଟରେ ସାମିଲ ହେବେ ରାଜ ଠାକରେ !

ଭୁବନେଶ୍ୱର,୨୧ ।୩(ପିଏନ):ଲୋକସଭା ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର ନବନିର୍ମାଣ ସେନାର ମୁଖ୍ୟ ରାଜ ଠାକରେ ବିଜେପି-ଶିବସେନା(ଏକନାଥ ସିନ୍ଦେ ଗୋଷ୍ଠୀ) ମେଣ୍ଟରେ ସାମିଲ ହୋଇପାରନ୍ତି । ମେଣ୍ଟରେ ସାମିଲ ହେବାକୁ ଗୋଡ ଟେକି ବସିଥିବା ରାଜ ଠାକରେ ବର୍ତ୍ତମାନ ଦିଲ୍ଲୀରେ ପହଞ୍ଚିଛନ୍ତି ।ପୂର୍ବରୁ ସେଠାରେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ରାଜ୍ୟ ବିଜେପି ସଭାପତି ଚନ୍ଦ୍ରଶେଖର ବାୱାନକୁଲେ ଉପସ୍ଥିତ



ରହିଛନ୍ତି । ମେଣ୍ଟରେ ସାମିଲ ହେବା ପରେ ରାଜ ଠାକେରଙ୍କ ଦଳ ୨ଟି ଲୋକସଭା ଆସନ ମାଗିବ । ଦକ୍ଷିଣ ମୁମ୍ବାଇ ଓ ଶିରଡି ଆସନରେ ପ୍ରାର୍ଥୀ ଦେବାକୁ ରାଜ ଠାକରେଙ୍କ ଦଳ ଚାହୁଁଛି ।

## ମଙ୍ଗଳବାର, ବୁଧବାର ପ୍ରବଳ ବର୍ଷା ଓ କୁଆପଥର ମାଡ !

ଭୁବନେଶ୍ୱର,୧୮ ।୩(ପି.ଏନ): ଉତ୍ତର ଓଡିଶାରୁ ଆରମ୍ଭ କରି ଆନ୍ଧ୍ରପ୍ରଦେଶ ଉପକୂଳ ଯାଏ ଏକ ନିମ୍ନଚାପରେଖା ସକ୍ରିୟ ରହିଛି । ଏହା ସହିତ ଓଡିଶା ଉପକୂଳ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗୁରୁଚାପ ପ୍ରଭାବରେ ରାଜ୍ୟ ମଧ୍ୟକୁ କ୍ରମାଗତ ଭାବେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି । ଉଭୟ ନିମ୍ନ ଚାପରେଖା ଓ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପରସ୍ପର ସଂସ୍ପର୍ଶରେ ଆସି ପ୍ରତିକ୍ରିୟଶୀଳ ହେବା ସହିତ କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି । ତେବେ ମଙ୍ଗଳବାର ଓ ବୁଧବାର ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ଓ ବଜ୍ରପାତ ସହ ଘଡଘଡି ମାରିବାର ସମ୍ଭାବନା ରହିଛି । ସେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ଆସନ୍ତାକାଲି ମଙ୍ଗଳବାର



ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ । ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାରେ କେତେକ ସ୍ଥାନରେ କୁଆପଥର ବର୍ଷା ଏବଂ ବଜ୍ରପାତ ସହ ଘଡଘଡି ହୋଇପାରେ । ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୪୫ରୁ ୫୫ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

## ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସୋମାଳିକା ଦାସ

କଟକ ,୧୮ ।୩(ପି.ଏନ): ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସୋମାଳିକା ଦାସ । ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ହାଇକୋର୍ଟଙ୍କ ଦ୍ୱାରସ୍ଥ । ବିଧାୟକ ବିଜୟ ଶଙ୍କର ଦାସଙ୍କ ବିରୋଧରେ ମାମଲା ଦାୟର । ତଦନ୍ତରେ ଶିଥିଳତା ଅଭିଯୋଗରେ ମାମଲା ଦାୟର । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ ସତ୍ତ୍ୱେ ତଦନ୍ତ ହେଉ ନଥିବା ଅଭିଯୋଗ । ପୂର୍ବରୁ ସୋମାଳିକାଙ୍କ ଅଭିଯୋଗ ଆଧାରରେ ଜଗତସିଂହପୁର ଥାନାରେ ମାମଲା ରୁଜୁ ହୋଇଥିଲା । ପୂର୍ବରୁ ବିଜୟ ଶଙ୍କରଙ୍କ ନାଁରେ ମାମଲା ରୁଜୁ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।ସୂଚନା ମୁତାବକ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଓ ପ୍ରେମିକା ସୋମାଳିକା ଦାଶ ଙ୍କର ବହୁ ପୂର୍ବରୁ ପ୍ରେମ ସମ୍ପର୍କ ରହି ଆସିଥିଲା । ତେବେ ପୂର୍ବରୁ ପ୍ରେମିକାଙ୍କୁ ବିବାହ କରିବାକୁ ବିଜୟ ଶଙ୍କର ସମ୍ମତି ଦେଇଥିଲେ ମଧ୍ୟ ବିଧାୟକ ହେବା ପରେ ଏଥିରୁ ଓହରି ଆସିଥିଲେ ଏପରିକି ବିଜୟ ଶଙ୍କର ଓ ସୋମାଳିକା ସବରେଜିଷ୍ଟ୍ରାର ତଥା ବିବାହ ଅଧିକାରୀଙ୍କ ଅଫିସରେ ବିବାହ ପାଇଁ ଆବେଦନ କରିଥିଲେ । ୯୦ ଦିନର ସମୟସୀମା ଅତିବାହିତ ହୋଇଥିଲେ ମଧ୍ୟ ବିବାହ ହୋଇପାରି ନଥିଲା । ବିଧାୟକଙ୍କ ସହ ପ୍ରେମ ସମ୍ପର୍କ ବିଗିଡିବାରୁ ପ୍ରାୟ ବର୍ଷେ ? ତଳେ ଥାନା ଦ୍ୱାରସ୍ଥ ହୋଇଥିଲେ ପ୍ରେମିକା । ହେଲେ ପୋଲିସ୍ ? ବିଧାୟକଙ୍କ ନାଁରେ ମାମଲା ରୁଜୁ କରିବାକୁ ପଛଘୁଞ୍ଚା ଦେଉଥିବା ବେଳେ ଆଜି କାଲି କହି ଦିନ ଗଡାଉଥିଲା । କିନ୍ତୁ ଏବେ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୋମାଳିକା

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୮ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟ ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ଅଳିଆଗଦାରେ ପଡ଼ିଛି ଶିଳ୍ପ ନିରାପତ୍ତା ଆଇନ !

କେବଳ ଓଡ଼ିଶା ପାଇଁ ନୁହେଁ ସମଗ୍ର ଭାରତବର୍ଷର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତ ଶିଳ୍ପ ସମ୍ବନ୍ଧୀୟ କଳକାରଖାନା ପାଇଁ କଠୋର ଆଇନ ରହିଛି। ଶିଳ୍ପଜନିତ ଶ୍ରମିକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଭିତ୍ତିରେ ମାନିବା ପାଇଁ ବିଭିନ୍ନ ସମୟରେ ଆଇନର ତର୍ଜମାକୁ କଠୋର ବି କରାଯାଇଛି। ମାନ୍ୟବର ସୁପ୍ରିମକୋର୍ଟଙ୍କଠାରୁ ହାଇକୋର୍ଟ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଶିଳ୍ପ ନିରାପତ୍ତା ଆଇନ ମାମଲାରେ ନିରପେକ୍ଷ ତଦନ୍ତ ସହ କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ କଡ଼ାକଡ଼ି ନିର୍ଦ୍ଦେଶ ବି ଦିଆଯାଇଛି। ୧୯୯୪ର ଅଗ୍ରୱାଲ ଇଣ୍ଡଷ୍ଟ୍ରିଜ୍ ବନାମ ମହାରାଷ୍ଟ୍ରର ସରକାର ମାମଲାଠାରୁ ୨୦୧୨ର ପଶ୍ଚିମବଙ୍ଗ ସରକାର ବନାମ ସିଂ ଟ୍ରେଡ଼ର୍ସ ଆଲଏଜ୍ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ନିରୀହ ଶ୍ରମିକଙ୍କୁ ଯୂପକାଠିରେ ବଳିବୋଦା କରାଯାଉଥିବା ନେଇ ଘୋର ଉଦ୍‌ବେଗ ପ୍ରକାଶ କରି ଯେଉଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରିଥିଲେ ତାହାକୁ ଭାରତର ଅଧିକାଂଶ ଛୋଟବଡ଼ ଶିଳ୍ପସଂସ୍ଥାମାନେ ଫୁତ୍‌କାରରେ ଉଡାଇ ଦେଇଛନ୍ତି। ପ୍ରକାରାନ୍ତରେ କହିବାକୁ ଗଲେ ଶିଳ୍ପ ନିରାପତ୍ତା ଆଇନ ଅଳିଆଗଦାରେ ହିଁ ପଡ଼ିରହିଛି। ଦିନକୁ ଦିନ ଶିଳ୍ପ ପ୍ରଗତିକୁ ଅଗ୍ରାଧିକାର ଦିଆଯାଉଥିବାରୁ ଶିଳ୍ପ କାରଖାନା ଛତୁ ଫୁଟିଲା ପରି ଗଢ଼ି ଉଠୁଛି। କିନ୍ତୁ ସରକାରୀ ପ୍ରଣୀତ ଆଇନକୁ ପଛରେ ପକାଇ ଏହି କଳକାରଖାନାର କର୍ତ୍ତୃପକ୍ଷ ନା ଆଇନକୁ ମାନୁଛନ୍ତି ନା ଶ୍ରମିକଙ୍କୁ ବୈଷୟିକ ତାଲିମ ଦେଉଛନ୍ତି। କେବଳ ସେତିକି ନୁହେଁ ସରକାରଙ୍କୁ ପ୍ରଭାବିତ କରି ନିୟମିତ ଅନୁଧ୍ୟାନ ଓ ଯାଞ୍ଚ ବ୍ୟବସ୍ଥାକୁ ରୋକିବାରେ ବି ସଫଳ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ପାଖାପାଖି କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ଚାରିହଜାରରୁ ଊର୍ଦ୍ଧ୍ୱ ଛୋଟବଡ଼ ଶିଳ୍ପ କାରଖାନା କାର୍ଯ୍ୟକରୁଛି। ଏଥିରେ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ଅଧିକାଂଶ ହେଉଛନ୍ତି ଦାରିଦ୍ର୍ୟ ପ୍ରପୀଡ଼ିତ ଯୁବକ, ବେକାରରେ ଛଟପଟ ହେଉଥିବା ଅଭାବୀ ଉଚ୍ଚଶିକ୍ଷିତ ପିଲା, ତଥା ଗ୍ରାମାଞ୍ଚଳ ଓ କୃଷିକ୍ଷେତ୍ରରୁ ଆସୁଥିବା ଅଣକୁଶଳୀ ଓ ଅନଭିଜ୍ଞ ଯୁବବର୍ଗ। ଦିନକୁ ଦିନ ରାଜ୍ୟରେ ଶିଳ୍ପ ପ୍ରଗତି ନାମରେ ଚଷାପୁଅର କ୍ଷତ ଉପରେ ଶିଳ୍ପର ଚିମିନ୍ ଧୂଆଁ ଉଠୁଥିବାରୁ ବେରୋଜଗାରୀ ଯୁବବର୍ଗମାନେ ଯାହା ପାଇଲେ ସନ୍ତୁଷ୍ଟ ନିଆଁରେ କମ୍ ମଜୁରୀରେ ଏହି ଶିଳ୍ପସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଏହି ଶ୍ରମଶକ୍ତି ହାତପାଆନ୍ତାରେ ଓ ଖୁବ୍ କମ୍ ମଜୁରୀରେ ମିଳିଯାଉଥିବାରୁ ପରବର୍ତ୍ତୀ ସମୟରେ ଶିଳ୍ପସଂସ୍ଥାମାନେ ସେମାନଙ୍କୁ ତାଲିମ ଦେବା ପାଇଁ ଉଚିତ୍ ନ ମଣି ବରଂ ସେମାନଙ୍କ ଜୀବନକୁ ତତଲା ଲୁହା ଭିତରକୁ ପୂରାଇ ଦେଉଥିବା ପରି ଅଭିଯୋଗ ବିଭିନ୍ନ ସମୟରେ ଗଣମାଧ୍ୟମରେ ଚର୍ଚ୍ଚିତ ଖବର ଭାବେ ପ୍ରକାଶ ପାଉଛି। କିଛିବର୍ଷ ତଳେ ଭାରତର ମହାଲେଖାକାର ଏଭଳି ପରିସ୍ଥିତି ପାଇଁ ଉଦ୍‌ବେଗ ପ୍ରକାଶ କରି ଶ୍ରମଜୀବୀଙ୍କୁ ବୈଷୟିକ ତାଲିମ ପ୍ରଦାନ ସହ ସେମାନଙ୍କ ଧନଜୀବନର ସୁରକ୍ଷା ପାଇଁ ବିଧିବଦ୍ଧ ଆଇନ ପ୍ରଣୟନ ପାଇଁ ସରକାରଙ୍କୁ ଯେଉଁ ପରାମର୍ଶ ଦେଇଥିଲେ, ତାହା ସରକାରୀ ନାଲିଫିତା ତଳେ ହିଁ ବନ୍ଧା ପଡ଼ିଯାଇଛି। ୨୦୦୬ରୁ ୨୦୦୮ ଦୁଇବର୍ଷ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଶିଳ୍ପସଂସ୍ଥାର ଶ୍ରମିକଙ୍କ ସୁରକ୍ଷାଜନିତ ପରିସ୍ଥିତିକୁ ତର୍ଜମା କରି ଭାରତର ମହାଲେଖାକାର ଯେଉଁ ରିପୋର୍ଟ ଦେଇଥିଲେ ତାହା ସରକାରଙ୍କ ଶୀତଳ ଭଣ୍ଡାରରେ ପଡ଼ିଛି। ଅବଶ୍ୟ ଏହାକୁ ଚାପିବା ପାଇଁ ଶିଳ୍ପସଂସ୍ଥାର ଅଦୃଶ୍ୟ ହାତର କରିସ୍ମା ହିଁ ଏସବୁ କିଛି ସମ୍ଭବ କରୁଥିବାର ଅଭିଯୋଗ ଉଠୁଛି।

ଶିଳ୍ପସଂସ୍ଥାର ଯାଞ୍ଚ ଓ ତନଖି ପାଇଁ ରାଜ୍ୟସରକାରଙ୍କ ଶ୍ରମ ବିଭାଗ ଓ ଫ୍ୟାକ୍ଟ୍ରି ଏଣ୍ଡ ବଏଲର ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନା କରୁନଥିବା ନେଇ ଖୋଦ୍ ମହାଲେଖାକାର ନିଜ ରିପୋର୍ଟରେ ଦର୍ଶାଇଛନ୍ତି। ଓଡ଼ିଶାରେ ଦୁଇବର୍ଷର ଶିଳ୍ପ ଅନୁଧ୍ୟାନ ସଂକ୍ରାନ୍ତ ମାମଲାରୁ ଯାହା ତଥ୍ୟ ବାହାରିଛି, ସେଥିରେ ପ୍ରକାଶ ପାଇଛି ଯେ ୩୨୭୬ ଥର ଯାଞ୍ଚ କରାଯିବାର ପ୍ରାସଙ୍ଗିକତା ଥିବାବେଳେ ମାତ୍ର ୯୯୩ ଥର ଯାଞ୍ଚ ହୋଇଛି । ପ୍ରତିଟି ଶିଳ୍ପସଂସ୍ଥାରେ ଜରୁରୀକାଳୀନ ରେସ୍‌ପନ୍ସ କେନ୍ଦ୍ର ଗଠନ କରିବା ପାଇଁ ସରକାରଙ୍କୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହାକୁ ଅଧିକାଂଶ ଶିଳ୍ପସଂସ୍ଥାମାନେ ମାନିନାହାଁନ୍ତି। ସେହିପରି ପାଞ୍ଚଶହରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟରତ ଶିଳ୍ପ ସଂସ୍ଥାରେ ଜରୁରୀକାଳୀନ ଭାବରେ ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଗଢ଼ିବାର ନିୟମକୁ ବି ଅଧିକାଂଶ ଶିଳ୍ପସଂସ୍ଥା ଗ୍ରହଣ କରିନାହାନ୍ତି। ନିକଟଅତୀତରେ ଭୂଷଣ ଇସ୍ପାତ କାରଖାନାରେ ଯେଉଁ ଭୟାବହ ବିସ୍ଫୋରଣରେ ଶ୍ରମଜୀବୀଙ୍କ ମୃତାହତ ପ୍ରସଙ୍ଗ ପରେ ଶିଳ୍ପ କାରଖାନାର ସୁରକ୍ଷା ଓ ଆଇନ ନେଇ ବିଭିନ୍ନ ଫୋରମ୍‌ରେ ପ୍ରଶ୍ନ ଉଠୁଛି । ଭୂଷଣ ମାମଲାରୁ ଯାହା ଜଣାଯାଇଛି ଏଠାରେ ୪୮ଟି ଅନୁବନ୍ଧିତ ନିର୍ମାଣ ଠିକା ସଂସ୍ଥା କାର୍ଯ୍ୟ କରୁଥିଲାବେଳେ ଅଣଅନୁବନ୍ଧିତ ସଂସ୍ଥାଙ୍କ ସଂଖ୍ୟା ଶତାଧିକରୁ ଊର୍ଦ୍ଧ୍ୱ। ଯାହାଦ୍ୱାରା ଦୁର୍ଘଟଣା ଦିନ ଶ୍ରମିକଙ୍କ ଉପସ୍ଥିତିର ତଥ୍ୟ ଦେବା ପାଇଁ ଭୂଷଣ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଶିଳ୍ପସଂସ୍ଥାରେ ଶ୍ରମିକଙ୍କ ନିରାପତ୍ତା ସୁରକ୍ଷା ସମ୍ବନ୍ଧୀୟ ଓଡ଼ିଶା ଫ୍ୟାକ୍ଟ୍ରିଜ୍ ରୁଲ ୧୯୫୯କୁ ଠିକ୍‌ଭାବେ ପାଳନ କରାଯାଉନାହିଁ ବୋଲି ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଅଭିଯୋଗ ହେଉଛି। ରାଜ୍ୟରେ ଶିଳ୍ପ ଦୁର୍ଘଟଣାରେ ୧୯୯୬ରେ ମାତ୍ର ଚାରିଜଣ ମୃତ୍ୟୁଲାଭ କରିଥିବାବେଳେ ୨୦୦୯ରେ ୧୨୨ ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ରାଜ୍ୟର ଚାରୋଟି ଶିଳ୍ପ ଅଦାଲତ ଓ ଶ୍ରମ ଅଦାଲତରେ ପାଖାପାଖି ୬୩୪ଟି ମାମଲା ବିଚାରଧୀନ ରହିଛି। ପଶ୍ଚିମାଞ୍ଚଳ ପୌରନିର୍ବାଚନ ପାଇଁ ରାଜ୍ୟ ସରକାର ନିଜର କଳବଳ କୌଶଳକୁ ଲଗାଇ ଦେଇଥିବାରୁ ଭୂଷଣ ମାମଲାକୁ ଗମ୍ଭୀରତାର ସହ ନେଇ ନଥିବା ନେଇ ବିରୋଧୀ ଦଳଙ୍କ ଦାବୀ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭୂଷଣ ପରି ଭୟାବହ ଶିଳ୍ପ ବିସ୍ଫୋରଣ ମାମଲା ପରଠାରୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପଦୁଟିଏ ବି ପ୍ରତିକ୍ରିୟା ଦେଇନାହାଁନ୍ତି। ପ୍ରାରମ୍ଭିକ ସମୟରେ ଭୂଷଣର ଦୁର୍ଘଟଣା ପାଇଁ ଶ୍ରମମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଆଡ଼କୁ ଆଙ୍ଗୁଠି ଉଠାଇଥିଲେ ବି ପରବର୍ତ୍ତୀ ସମୟରେ ସେ ବି ପୁରାପୁରି ନୀରବ। ସେହିପରି ବିଭିନ୍ନ ଦଳର ନେତାମାନେ ପ୍ରଥମେ ତୁମ୍ବିତୋଫାନ ଦେଖାଉଥିଲେ ବି ପରେ କିନ୍ତୁ ପୁରାପୁରି ମାମଲାରୁ ଉଭାନ ହୋଇଯାଇଛନ୍ତି। ଭୂଷଣର ଏହି ଭୟାନକ ମାମଲାକୁ ମାଡ଼ି ମକ୍‌ଚି ଦଳି ଦେବାକୁ କମ୍ପାନୀଠାରୁ ସରକାର ସମସ୍ତେ ହିଁ ଯେପରି ତତ୍ପର ତାହାକୁ ନେଇ ଗଣମାଧ୍ୟମରେ ବିଭିନ୍ନ ଖବର ପ୍ରକାଶ ପାଇଛି । ଯାହାଦ୍ୱାରା ଭୂଷଣର ୨୫୬ ମେଗାୱାଟ ବିଶିଷ୍ଟ ପାୱାର ପ୍ଲାଣ୍ଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅନୁମତି ନ ନେଇ ଚଳାଇବାର ଦୁଃସାହାସ କରିଛି। ଭୂଷଣର ବିସ୍ଫୋରଣର ପ୍ରସଙ୍ଗ ଶିଳ୍ପନିରାପତ୍ତା ଆଇନକୁ ଖୋଲାଖୋଲି ଜଳଜଳ କରି ସମସ୍ତଙ୍କୁ ହିଁ ଦେଖାଇ ଦେଉଛି। ପ୍ରଶାସନ ଓ ସରକାର ଏ ପ୍ରସଙ୍ଗଙ୍କୁ ଚାପିଦେଲେ ରାଜ୍ୟରେ ପରବର୍ତ୍ତୀ ସମୟରେ ଭୂଷଣ ପରି ଭୟାନକ କାଣ୍ଡ କେତେ ନିରୀହ ମେହନତିଙ୍କ ଜୀବନଦୀପ ଯେ ନ ଲିଭାଇବ ତାହା କିଏ କହିବ ?

# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ: ଡକ୍ଟର କଲାମ

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲା ଥିଲେ। ସେ ମା'ଙ୍କ ହାତରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରି ନ ଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକୁ ମନା କରିଦେଲେ। ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛିଦିନ ପରେ କଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍କାର୍ଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍‌ସି. ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବରକାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ୍ୟ ଜଣେ ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲାପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍‌କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବ୍ୟୋମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରିଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍‌ଙ୍କୁ କଲାମ ଲାଞ୍ଜବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର), ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟଭେଦ କରିବାକୁ ସକ୍ଷମ)କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।

୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବାପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ' ମାସ ୧୧ ଓ ୧୩ ତାରିଖରେ



ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଦେଇଥିଲେ। କଲାମ ନିଜର କର୍ମକୁ ମହାନ୍ ମନେକରୁଥିଲେ। ଏହିପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଅପ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜର୍ନି' ଓ ' ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଜଣେ ଅଣରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବାପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅପ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ତମ ଜନ୍ମଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ।

ଈଶ୍ୱରବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀ ମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଊର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝିଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପରିଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦ୍‌ଘାତରେ ୮୪ ବର୍ଷ ବୟସରେ ମହାପ୍ରାୟଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ସେ ଚିରଦିନ ଅମର ହୋଇ ରହିବେ।

# କଂଗ୍ରେସ ପକ୍ଷରୁ ୧୨ ଘଂଟିଆ କୋରାପୁଟ ଜିଲା ବନ୍ଦ ପାଳନ, ସିପିଆଇ ଦେଲା ସମର୍ଥନ

ଜୟପୁର, (ପି.ଏନ):କୋରାପୁଟ ଜିଲାରେ ଆଜି ୧୨ ଘଂଟିଆ ବନ୍ଦ ପାଳନ କରିଛି ଜିଲା କଂଗ୍ରେସ । ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ରାସ୍ତା ଅବରୋଧ କରାଯାଇଛି । ଦୋକାନ, ବଜାର, ଚକ, ଅଖ, ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଛି । ଶହ ଶହ ଗାଡି ଅଟକି ରହିଛି । ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜିଲା ବନ୍ଦ କରାଯାଇଛି ।କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗରେ ବନ୍ଦ ପାଳନ କରାଯାଉଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା, କୋରାପୁଟ ଜିଲାର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଜ ଜିଲାରେ ନିଯୁକ୍ତି ସୁଯୋଗ ଦେବା, କୋରାପୁଟ ଜିଲାର ସିଟି, ବିଇଡି ଏବଂ ଡିଆଇଇଟି ତାଲିମ ପ୍ରାପ୍ତ ଯୁବକ ଯୁବତୀ ମାନଙ୍କୁ ଆଗ୍ରାଧିକାର ଭିତିରେ କୋରାପୁଟ ଜିଲାରେ ଶିକ୍ଷକ/ ଶିକ୍ଷୟତ୍ରୀ ନିଯୁକ୍ତି ଦିଆଯାଉ, କୋରାପୁଟ ଜିଲାରେ ବିଭିନ୍ନ ବିଭାଗରେ ଖାଲି ପଡିଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡିକରେ ସ୍ଥାନୀୟ ନିଯୁକ୍ତି ଦିଆଯାଉ, ଏହି ଜିଲାର ତାଲିମ ପ୍ରାପ୍ତ ଏଏନଏମ ଏବଂ ବିଏସି ନର୍ସିଙ୍ଗ ପ୍ରାର୍ଥି ମାନଙ୍କୁ ଆଗ୍ରାଧିକାରି ଭିତିରେ ନିଯୁକ୍ତି ଦିଆଯାଉ, କୋରାପୁଟ ଠାରେ ଥିବା ବିଇଡି କଲେଜରେ ଦିର୍ଘ ତିନି ବର୍ଷ ହେଲା ବିଭିନ୍ନ ଅଧାପକ ପଦବୀ ଖାଲି ପଡିଛି ଏବଂ ପିଲାଙ୍କ ପ୍ରବେଶ ବନ୍ଦ ରହିଛି । ଫଳରେ ଜିଲାର ଛାତ୍ର ଛାତ୍ରୀ ମାନେ ତାଲିମ ପାଇଁ ଅନ୍ୟ ରାଜ୍ୟକୁ ଯାଇ ବିଭିନ୍ନ ଠକାମିର ଶୀକାର ହେଉଛନ୍ତି, ତେଣୁ ତୁରନ୍ତ ବନ୍ଦ ହୋଇ ରହିଥିବା ବିଇଡି କଲେଜକୁ ଶହେ ସିଟ ବିଶିଷ୍ଟ କରି ଖୋଲାଯାଉ, ଜୟପୁର ଠାରେ କେନ୍ଦ୍ରୀୟ ଡ୍ରାଇଭିଙ୍ଗ ତାଲିମ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଆଦି ଦାବି କରାଯାଇ ଜିଲାକୁ ବନ୍ଦ କରାଯାଇଛି । ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଆମ୍ବଗୁଡା, ଗାନ୍ଧି ଛକ ଠାରେ ମଧ ରାସ୍ତା ଅବରୋଧ କରାଯାଇଛି । ଏହି ବନ୍ଦ ପାଳନ ସମୟରେ ଜୟପୁର ଟ୍ରାଫିକ ଛକରେ ବିଧାୟକ ବାହିନିପତିଙ୍କ ସହ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ନିହାର ବିଷୋୟୀ, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଜିଲା ମହିଳା ସଭାନେତ୍ରୀ ନଳିନି ରଥ, କାନ୍ତ ପାଢୀ, ଶରତ ଚନ୍ଦ୍ର ବୁରୁଦା ସମେତ ଶତାଧିକ କଂଗ୍ରେସ କର୍ମି ଓ ନେତା ଉପସ୍ଥିତ ଥିଲେ । ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜିଲା ବନ୍ଦ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗରେ ବନ୍ଦ ପାଳନ କରାଯାଉଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି କହିଛନ୍ତି । ଏହି ବନ୍ଦ ଡାକରାକୁ ସିପିଆଇ କୋରାପୁଟ ଜିଲା ତରଫରୁ ସମର୍ଥନ ଦିଆଯାଇଛି । ଏନେଇ ସିପିଆଇ ତରଫରୁ ଟ୍ରାଫିକ ଛକରେ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଂଗ୍ରେସର ସମସ୍ତ ଦାବିକୁ ସମର୍ଥନ କରିବା ସହ ମହିଳା କୁସ୍ତି ଖେଳାଳିଙ୍କୁ ନ୍ୟାୟ, କୋଟିଆ ବିବାଦର ସମାଧାନ, କାଗଜ କଳ ସମସ୍ୟାର ସମାଧାନ ଆଦି ଦାବିରେ ସିପିଆଇର ବିକ୍ଷୋଭ କରିଛି । ଦଳିୟ ପତକା ଓ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

# ପ୍ଲାଷ୍ଟିକ୍‌ର ବିଷ ବଳୟରେ ବିଶ୍ୱ: ରାଣୀ ଗୁମ୍ଫାରୁ ଆରମ୍ଭ ହେଲା ସ୍ୱଚ୍ଛ ଭାରତ ଅଭିଯାନ

ଭୁବନେଶ୍ୱର (ପିଏନ୍): ଗାଆଁଠୁ ସହର ଯୁଆଡ଼େ ଦେଖିବ କୁଢ କୁଢ ପ୍ଲାଷ୍ଟିକ୍ ଆବର୍ଜନାର ପାହାଡ଼। ପ୍ଲାଷ୍ଟିକ୍‌ର ବ୍ୟବହାର କମାଇବା ପାଇଁ ଏବେ ଦେଶବ୍ୟାପୀ ଆରମ୍ଭ ହୋଇଛି ସ୍ୱଚ୍ଛ ଭାରତ ଅଭିଯାନ। ଏକକ ବ୍ୟବହାର ପ୍ଲାଷ୍ଟିକର ଉତ୍ପାଦନ, ସଂରକ୍ଷଣ, ବିକ୍ରୟ ଏବଂ ବ୍ୟବହାର ଉପରେ ସରକାର ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି। ତଥାପି ପ୍ଲାଷ୍ଟିକ୍‌ର ବ୍ୟବହାର ବହୁ ମାତ୍ରାରେ ବଢିଚାଲିଛି। ଯଦ୍ଦ୍ୱାରା ସ୍ଥଳଭାଗ ହେଉକି ଜଳଭାଗ ହେଉ ସବୁଠି ପ୍ଲାଷ୍ଟିକ୍ ଅଳିଆ। କହିବାକୁ ଗଲେ ପ୍ଲାଷ୍ଟିକର ବିଷବଳୟରେ ସାରା ବିଶ୍ୱ। ଏହାର ଭୟାବହତାକୁ ନେଇ ସାରା ବିଶ୍ୱ ଚିନ୍ତାରେ। ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରହି ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ତଥା ସୁସ୍ଥ ବାତାବରଣ ସୃଷ୍ଟି କରିବା ସମଗ୍ର ମଣିଷ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ଐତିହ୍ୟ ସଂପନ୍ନ ଖଣ୍ଡଗିରି ପାହାଡ଼ର ରାଣୀଗୁମ୍ଫାରୁ ଏହି ଅଭିଯାନର ଶୁଭ୍ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଅଭିଯାନକୁ ଆନୁଷ୍ଠାନିକ ରୂପେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ରର ଉପ-ନିର୍ଦ୍ଦେଶକ ବିମଳ ପାଟ୍ରିକ୍ ଶାହା, ଯୁବ ଅଧିକାରୀ ବିପିନ୍ କୁମାର, ଜାତୀୟ ଯୁବପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଶୀବ ପ୍ରସାଦ ପଟ୍ଟଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଅଭିଯାନରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ପାହାଡ଼ର ଚତୁଃପାର୍ଶ୍ୱ ଏବଂ ରାସ୍ତା ଉପରେ ପଡ଼ିଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁଗୁଡ଼ିକୁ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଂଗୃହିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କେନ୍ଦ୍ରର କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଏହି ଅଭିଯାନ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକରେ ଚାଲୁ ରହିବ ବୋଲି ଜଣାପଡ଼ିଛି।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ମଞ୍ଚସ୍ଥ ନାଟକ 'ସମ୍ପର୍କର ବୋଝ'

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଯାଜପୁର ଟାଉନସ୍ଥିତ ସଂସ୍କୃତି ଭବନ ପରିସରରେ ଏକ କ୍ଷୁଦ୍ର ନାଟକ 'ସମ୍ପର୍କର ବୋଝ' ମଂଚସ୍ଥ ହୋଇଯାଇଛି। ଏହି ନାଟକଟିକୁ ଅନୁଷ୍ଠାନର ନାଟ୍ୟ ନିର୍ଦ୍ଦେଶକ ଅନିଲ କୁମାର ଜେନା ଓ ଏଥିରେ ଅଭିନୟ କରିଛନ୍ତି ବରିଷ୍ଠ ଅଭିନେତା ଉପେନ୍ଦ୍ର ଜେନା, ଅଚ୍ୟୁତ ସ୍ୱାଇଁ, ବିଶ୍ୱଜିତ ମଲ୍ଲିକ, ସବିତା ମିଶ୍ର, ମୋନାଲିସା ଓଝା, ପ୍ରିୟଙ୍କା ସାହୁ, ତପସ୍ୱିନୀ ମଲ୍ଲିକ ପ୍ରମୁଖ ଅଭିନୟ କରିଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ସଭାପତି ବୃନ୍ଦାବନ ମିଶ୍ର, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଯାଜପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ଶତପଥି କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଚୋରି ସ୍କ୍ରାପ୍ ଜବତ, ୭ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ହରିଦାସପୁରସ୍ଥିତ ରାମକୋ ସିମେଣ୍ଟ କାରଖାନାରୁ ହୋଇଥିବା ସ୍କ୍ରାପ୍ ଚୋରି ଘଟଣାରେ ପୁଲିସ୍ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଶ୍ରୀରାମପୁର ଗ୍ରାମର ବିପିନବିହାରୀ ସେଠୀ, ପ୍ରଶାନ୍ତ କୁମାର ସେଠୀ, ଧନେଶ୍ୱର ଦେହୁରୀ, ଭାଗ୍ୟଧର ଦେହୁରୀ, ଜଳଧର ଦେହୁରୀ, ଧନେଶ୍ୱର ମଲିକ ଓ ସ୍କ୍ରାପ୍ କିଣିଥିବା ମୁଣ୍ଡମାଳ ଗ୍ରାମର ଭୀମସେନ ସେଠୀ। ସମସ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ରାମକୋ ସିମେଣ୍ଟ କାରଖାନା ପରିସରରୁ ଗତ ୫ ତାରିଖ ରାତିରେ ସ୍କ୍ରାପ୍ ଚୋରି ହୋଇଥିଲା। ଏ ସଂପର୍କରେ ରାମ୍‌କୋ ପକ୍ଷରୁ ଗତ ୬ ତାରିଖରେ ଥାନାରେ ଏତଲା ଦିଆଯାଇଥିଲା। ଅଭିଯୋଗ ପାଇ ପୁଲିସ୍ ୫୪୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ୍ ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିବା ବେଳେ ଚୋରି ହୋଇଥିବା ସ୍କ୍ରାପ୍ ଜବତ କରିଥିବା ଜଣାପଡ଼ିଛି ।

# ଡାଲତୋଲା ଗଜଲକ୍ଷ୍ମୀ ମହୋତ୍ସବ ଭାଇଚାରା ସମ୍ପର୍କର ଉଜ୍ଜ୍ୱଳ ଦୃଷ୍ଟାନ୍ତ

ଖୋର୍ଦ୍ଧା (ପିଏନ୍): ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଡାଲତୋଲା ଲକ୍ଷ୍ମୀବଜାରଠାରେ ଗତ ୯ ତାରିଖ କୁମାର ପୂର୍ଣ୍ଣମୀଠାରୁ ପନ୍ଦର ତାରିଖ ପର୍ଯ୍ୟନ୍ତ ଗଜଲକ୍ଷ୍ମୀ ମହୋତ୍ସବ ପାଳିତ ହେଉଛି। ଡାଲତୋଲା ବାଣିଜ୍ୟ ବିକାଶ ବଣିକ ସଂଘ ଆହ୍ୱାନକ୍ରମେ ଖୋର୍ଦ୍ଧା ବ୍ଲକ୍‌ର ବଙ୍ଗିଦା, କାଇପଦର ଓ ବେଗୁନିଆ ବ୍ଲକ୍‌ର ଡାଲତୋଲା ଗୋବିନ୍ଦପୁର, କୁଞ୍ଜୁରୀ, ଦେଉଳି, ଦୁର୍ଗାପୁର ପଂଚାୟତର ଜନସାଧାରଣଙ୍କ ସହଯୋଗରେ ଗଜଲକ୍ଷ୍ମୀ ମହୋତ୍ସବ ଆରମ୍ଭ ହୋଇଛି। ଗତ ୯ ତାରିଖ କୁମାର ପୂର୍ଣ୍ଣମୀ ଦିନ କଳସଯାତ୍ରା ଓ ପୂଜାରମ୍ଭ ହୋଇଥଲା। ମହୋତ୍ସବ କମିଟିର ସଭାପତି ରୁସ୍ତମ୍ ଖାଁ, ଶାନ୍ତି କମିଟିର ଅଧ୍ୟକ୍ଷ ପ୍ରମୋଦ କିଶୋର ଛୁଆଳସିଂହ, ଉପଦେଷ୍ଟା ନିରଞ୍ଜନ ସାମନ୍ତସିଂହାର ଓ ସମ୍ପାଦକ ଅଭୟ କୁମାର ସିଂହଙ୍କ ପରିଚାଳନାରେ ପ୍ରତ୍ୟେକ ଦିନ ଭଜନ ସମାରୋହ, କଲିକତା ଡ୍ୟାନ୍ସ ଗ୍ରୁପ, ଲୋଇସିଙ୍ଗାର ସମ୍ବଲପୁରୀ, ପାଇକ ଆଖଡ଼ା, ରାଇରଙ୍ଗପୁର ଆଦିବାସୀ ନୃତ୍ୟ ଆଦି ଅନୁଷ୍ଠିତ ହେଉଛି। ତୃତୀୟ ଦିବସ ସନ୍ଧ୍ୟାରେ ଶିକ୍ଷାବିତ୍ ଅଧ୍ୟକ୍ଷତା କରିଥିବା ବେଳେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟଅତିଥି ରୂପେ ଯୋଗଦେଇ କଳିଙ୍ଗ ନୌବାଣିଜ୍ୟର ଗୌରବମୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସରକାରୀ ସ୍ତରରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ସେ ଦାବି କରିଥିଲେ। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସମାଜସେବୀ ପ୍ରକାଶ ଚନ୍ଦ୍ର ରଣବିଜୁଳି, କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଯୋଗଦେଇ ଗଜଲକ୍ଷ୍ମୀ ମହୋତ୍ସବ ପାଇଁ ଖୋର୍ଦ୍ଧା ଓ ବେଗୁନିଆ ବ୍ଲକ୍‌ର ସାତଟି ପଂଚାୟତର ସହଯୋଗ ତଥା ଭାଇଚାରା ସମ୍ପର୍କ ପାଇଁ ସାଧୁବାଦ ଜଣାଇଥିଲେ। ପାଇକ ଆଖଡ଼ାକୁ କ୍ରୀଡ଼ାର ମାନ୍ୟତା ଦେବାପାଇଁ ଦାବି କରିଥିଲେ। ସମ୍ମାନିତ ଅତିଥି ଶିଳ୍ପପତି ରମଜାନ୍ ଖାଁ, ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଦେଉଳି ସରପଂଚ ଅକ୍ଷୟ କୁମାର ରାଉତରାୟ, ସମାଜସେବୀ ପ୍ରଭାକର ସାହୁ, ଜାଗେଶ୍ୱର ମାଝୀ, ନଁପୁଟର ସମାଜସେବୀ କୃଷ୍ଣପାଣି ପାତ୍ର, ମାନବୀୟ ମୂଲ୍ୟବୋଧ ଓ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଗଣେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ନିରଞ୍ଜନ ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ। ସଭା ଶେଷରେ ବଲାଙ୍ଗୀର ଲୋଇସିଙ୍ଗାରୁ ଆସିଥିବା ସମ୍ବଲପୁରୀ ଦୁଲଦୁଲି ଓ ପୁରୀ ଡ୍ୟାନ୍ସ ଗ୍ରୁପ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ପିଂଟୁ ନନ୍ଦଙ୍କ ହାସ୍ୟ ଅଭିନୟ ସମସ୍ତଙ୍କୁ ଛୁଇଁଥିଲା। ବିଭିନ୍ନ ଦିବସରେ ଅବସରପ୍ରାପ୍ତ ମୁଖ୍ୟଯଂତ୍ରୀ ହବିବୁର ରହମାନ୍, ବୋଲଗଡ଼ର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ, ଦେବରାଜ ପଲାଇ, ଯଦୁପୁର ଦଳବେହେରା ଅବଦୁଲ କଲାମ୍ ଆଜାଦ୍, ଦେଉଳି ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ହଟକିଶୋର ସାହୁ, ଯମେଶ୍ୱର ମଙ୍ଗରାଜ, ରତିକାନ୍ତ କହଲସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୁରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୁଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ



ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି। ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ। ତେଣୁ ସେ ଥିଲେ କ୍ରାନ୍ତିକାରୀ। ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଳିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ। ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା। ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ। ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ। ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା। ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ। ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା।

ସ୍ୱାଧୀନତା ପରେ ମଧ୍ୟ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ। ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ। ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା। ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ। ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର।

## କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧ୍ୟାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୀୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## କଂଗ୍ରେସ କର୍ମୀଙ୍କୁ ପିସିସି ସଭାପତିଙ୍କ ଧନ୍ୟବାଦ ଜ୍ଞାପନ

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କର ୩ ଦିନିଆ ରାଉରକେଲା ଓ ସୁନ୍ଦରଗଡ ଗସ୍ତ ସାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ତାଙ୍କର ଏହି ଗସ୍ତ କାଳରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ତରଫରୁ ମଧ୍ୟ ସୁନ୍ଦରଗଡରେ ଶ୍ରୀ ପଟ୍ଟନାୟକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଜଗାଙ୍ଗପୁରରେ ମଧ୍ୟ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଉଭୟ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ଓ କର୍ମୀ ତଥା ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସ ସେବାଦଳ, କଂଗ୍ରେସର ଏସ୍‌ଟି ସେଲ୍, ଏସ୍‌ସି ସେଲ୍, ଓବିସି ସେଲ୍, ସଂଖ୍ୟାଲଘୁ ସେଲ୍, ଲିଗାଲ ସେଲ୍, କିସାନ ସେଲ୍, ମତ୍ସ୍ୟଜୀବି ସେଲ୍, ଅସଙ୍ଗଠିତ ଶ୍ରମିକ ସେଲ୍, ଆଇଏନ୍‌ଟିୟୁସି ଇତ୍ୟାଦିର ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଶ୍ରୀ ପଟ୍ଟନାୟକଙ୍କୁ ଯେପରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଅତି ସୁନ୍ଦର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋନଜ କଲେ ସେଥିପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହିସବୁ କାର୍ଯ୍ୟକ୍ରମକୁ ଯେପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ପୁଲିସ୍ ପ୍ରଶାସନ ତଥା ସହରବାସୀଙ୍କ ତରଫରୁ ବିଶେଷ ସହଯୋଗ ମିଳିଲା ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ବିଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି।

## ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ପଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦ୍ଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଲେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।




ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Tuesday March 19, 2024 | ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୧୯ ,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

## ଛକ ବଜାରରୁ ହଟାଯାଉଛି ଫ୍ଲେକ୍ସ ହୋଡ଼ିଂ

ଧର୍ମଶାଳା,(ପିଏନ୍): ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବାପରେ ଧର୍ମଶାଳା ବ୍ଲକ୍ ପ୍ରଶାସନ ପକ୍ଷରୁ ଦୁଇଦିନ ହେଲା ଜାରକା ଓ ଆଖପାଖ ଛକ ବଜାରରୁ ବିଭିନ୍ନ ରାଜନୈତିକ ଦଳ ଏବଂ ସରକାରୀ ଯୋଜନାର ଫ୍ଲେକ୍ସ ହୋଡ଼ିଂ ହଟାଯାଉଛି । ଗତବର୍ଷ ଡିସେମ୍ବର ମାସରେ ନୂଆବର୍ଷ ଅଭିନନ୍ଦନ, ଶୁଭେଚ୍ଛା ଜଣାଇବା ପାଇଁ ନେତାମାନେ ରାସ୍ତା ପାର୍ଶ୍ୱରେ ଫ୍ଲେକ୍ସ ବ୍ୟାନର ଓ ହୋଡ଼ିଂ ଲଗାଇବା ସହିତ ରାସ୍ତା ଉପରେ ତୋରଣ କରିଥିଲେ । ୩ମାସ ବିତି ଯାଇଥିଲେ ମଧ୍ୟ କେହି ଏହାକୁ ହଟାଇନଥିଲେ । ତେବେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ସରକାରୀ କର୍ମଚାରୀମାନେ ହୋଡ଼ିଂ ହଟାଇବା କାର୍ଯ୍ୟରେ ଲାଗିଛନ୍ତି । ସେହିପରି ବିଭିନ୍ନ ସରକାରୀ ଯୋଜନା ସଂପର୍କରେ କାନ୍ଥ ଓ ପାଚେରୀରେ ଲେଖା ହୋଇଥିବା ସୂଚନା ଉପରେ ରଙ୍ଗ



ବୋଲାଯାଉଛି । କେତେକ ଫ୍ଲେକ୍ସ ହୋଡ଼ିଂ ଓ ବ୍ୟାନରକୁ ଲୋକେ ନେଇ ଯାଉଥିବା ବେଳେ ଅବଶିଷ୍ଟକୁ ନଷ୍ଟ କରିଦିଆଯାଉଛି । ତେବେ ଗ୍ରାମାଚଂଳରେ ଲଗାଯାଇଥିବା ଫ୍ଲେକ୍ସ ହୋଡ଼ିଂକୁ ହଟା ଯାଉନଥିବା ଅଭିଯୋଗ ହୋଇଛି ।

## ଶେଷ ପରିଚୟ ବୃଦ୍ଧାଶ୍ରମ ଠାରେ ଐଶ୍ୱରୀୟାଙ୍କ ଜନ୍ମଦିନ ପାଳନ

ଯାଜପୁର,(ପି.ଏନ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ଏକ ନିଆରା ଭାବରେ ଅନୁଷ୍ଠାନର କୁନି ସଦସ୍ୟା ଐଶ୍ୱରୀୟା ସାହୁଙ୍କ ଜନ୍ମଦିନ ପାଳନ କରାଗଲା । ସକାଳୁ ସକାଳୁ ସମସ୍ତ ଦସ୍ୟ ଓ ଦସ୍ୟାମାନେ ଏକତ୍ରିତ ହୋଇ ପାଣିକୋଇଲି ସ୍ଥିତ ଶେଷ ପରିଚୟ ବୃଦ୍ଧାଶ୍ରମ ଠାରେ ପହଞ୍ଚି ଉପସ୍ଥିତ ଥିବା ମଉସା, ମାଉସୀ ମାନଙ୍କୁ ପ୍ରଣାମ କରି, ସୁଖ ଦୁଃଖ ବାଣ୍ଟିବା ସହ ମିଷ୍ଟାନ୍ନ ଓ ଫଳମୂଳ ଖୁଆଇ ଦେଇ ଗୁରୁଜନଙ୍କ ଠାରୁ କୁନି ଝିଅ ପାଇଁ ଆଶୀର୍ବାଦ ଭିକ୍ଷା କଲେ । କୁନି ସଦସ୍ୟା ଐଶ୍ୱରୀୟା ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ସଦସ୍ୟା ମାନଙ୍କ ନିଷ୍ପାପର କାର୍ଯ୍ୟକ୍ରମରେ ସନ୍ତୁଷ୍ଟ ହୋଇ ଉପସ୍ଥିତ ଥିବା ସମସ୍ତ ଗୁରୁଜନମାନେ ଐଶ୍ୱରୀୟକୁ ଆଶୀର୍ବାଦ ପ୍ରଦାନ କରିବା ସହିତ ଅନ୍ୱେଷଣ ପରିବାରର ଏଭଳି ଏକ ନିଆରା ଚିନ୍ତାଧାରାକୁ ପ୍ରଶଂସା କରିଥିଲେ । ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପ-ସଭାପତି ଉପେନ୍ଦ୍ର କୁମାର ଯେନା, ସାଂସ୍କୃତି ସମ୍ପାଦକ ଶଙ୍କର ସାହୁ, ବରିଷ୍ଠ ସଦସ୍ୟା ଶକୁନ୍ତଳା ବେହେରା, ମନିଷା ରାଉତ, ସାଇସ୍ମିତା ବେହେରା, ଐଶ୍ୱରୀୟା ସାହୁ, ସମ୍ପାଦକ ଅଭିମନ୍ୟୁ ମିଶ୍ର ଉପସ୍ଥିତ ଥିଲେ ।

## ବସ ଓ ପିକଅପ ଭ୍ୟାନ ମଧ୍ୟରେ ମୁହାଁମୁହିଁ ଧକ୍କା



ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଏମଭି -୨୩ ଗ୍ରାମ ନିକଟସ୍ଥ ପେଟ୍ରୋଲ ପମ୍ପ ଛକ ଠାରେ ବସ ଓ ପିକଅପ ଭ୍ୟାନ ସହିତ ମୁହାଁ ମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ବସ ଡ୍ରାଇଭର ର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି ।ମିଳିଥିବା ସୂଚ଼ନା ଅନୁସାରେ ଆଜି ସନ୍ଧ୍ୟା ୬.୩୦ମିନିଟ ସମୟରେ ଏମଭି -୭୯ରୁ ଯାତ୍ରୀମାନଙ୍କୁ ନେଇ ଏକ ବସ ବିଶାଖାପାଟଣା ଅଭିମୁଖେ ଯାଉଥିବା ବେଳେ ମାଲକାନଗିରିରୁ କାଲିମେଳା ଏକ ପିକଅପ ଭ୍ୟାନ ଲୁହା ପାଇପ ବୋଝେଇ କରି ଦ୍ରୁତ ଗତିରେ ଆସୁଥିଲା । ମାଲକାନଗିରି ମୋଟୁ ଜାତୀୟ ରାଜପଥର ଏମଭି- ୨୩ ପେଟ୍ରୋଲ ପମ୍ପ ନିକଟରେ ବସ ଓ ପିକଅପ ଭ୍ୟାନ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ପିକଅପ ଭ୍ୟାନରେ ଲୋଡ଼ ହୋଇଥିବା ଲୁହା ପାଇପ ବସ ଡ୍ରାଇଭରର ବେକରେ ସିଧାସଳଖ ପଶି ଯିବାରୁ ଘଟଣାସ୍ଥଳରେ ଡ୍ରାଇଭର ଆର.ବି . ରାଓଙ୍କ ମୃତ୍ୟୁ ହୋଇଥିଲା । ମୃତ୍ୟୁ ଡ୍ରାଇଭରଙ୍କ ଘର ଆନ୍ଧ୍ର ପ୍ରଦେଶର ବିଜୟା ନଗର ଅଞ୍ଚଳରେ ବୋଲି ଜଣା ପଡ଼ିଛି ।ସେହିପରି ପିକଅପ ଭ୍ୟାନ ଡ୍ରାଇଭର ମାଲକାନଗିରି ଅଞ୍ଚଳର ମୋହନ ସୁନା । ତାଙ୍କ ଅବସ୍ଥା ଗୁରୁତର ଥିବାରୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବାର ଜଣା ପଡିଛି । ଚ଼ାରି ଜଣ ଗୁରୁତର ବ୍ୟକ୍ତି ମାନଙ୍କୁ ପ୍ରଥମେ କାଲିମେଳାରେ ଭର୍ତ୍ତି କରାଯାଇ ଚ଼ିକିତ୍ସା କରାଯାଇଥିଲା ।ପରେ ଅବସ୍ଥା ସଂକଟାପନ୍ନ ହେବାରୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଚ଼ିକିତ୍ସା ଜାରି ରହିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହାୟତା କରିଛି ।

## ଗଜପତିରେ ସାଧାରଣ ନିର୍ବାଚ଼ନ ପାଇଁ ବିଭିନ୍ନ ଟିମ୍ ଗଠିତ: ସ୍ୱଚ୍ଛ, ଅବାଧ ଓ ଶାନ୍ତିପୂର୍ଣ୍ଣ ପରିଚ଼ାଳନା ପାଇଁ ପ୍ରଶାସନର ପ୍ରସ୍ତୁତ

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା),(ପି.ଏନ): ଆଗାମୀ ସାଧାରଣ ନିର୍ବାଚ଼ନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଗଜପତି ଜିଲ୍ଲାରେ ୪ ଲକ୍ଷ ୫୯ ହଜାର ୨୨୮ ଭୋଟର ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୨୪ ହଜାର ୪୦୫ ପୁରୁଷ ଓ ୨ ଲକ୍ଷ ୩୪ ହଜାର ୭୯୯ ଜଣ ମହିଳା ଭୋଟର ରହିଛନ୍ତି ଓ ତୃତୀୟ ଲିଙ୍ଗ-୨୪ ଜଣ ରହିଛନ୍ତି । ଏହାସହିତ ୨୫୪୦ ଜଣ ବରିଷ୍ଠ ନାଗରିକ,୧୦୩୭୬ ଭିନ୍ନକ୍ଷମ ଭୋଟର ରହିଛନ୍ତି । ଜିଲ୍ଲାରେ ନିର୍ବାଚ଼ନ ଆଚ଼ରଣବିଧି ଲାଗୁ ହେବା ସହିତ ଏହାକୁ ତଦାରଖ କରିବା ପାଇଁ ବିଭିନ୍ନ ଟିମ୍ ଗଠନ କରାଯାଇଛି । ନିର୍ବାଚ଼ନକୁ ସଚ୍ଛ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚ଼ାଳନା କରିବା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ନିର୍ବାଚ଼ନ ନିମନ୍ତେ ଜିଲ୍ଲାରେ ୫୭୩




ଟି ମତଦାନ କେନ୍ଦ୍ର କରାଯାଇଛି ବିଶେଷ କରି ମୋହନା ନିର୍ବାଚ଼ନ ମଣ୍ଡଳୀରେ ୨୯୭ ବୁଥ ଓ ପାରଳାଖେମୁଣ୍ଡି ନିର୍ବାଚ଼ନ ମଣ୍ଡଳୀରେ ୨୭୬ ବୁଥ ରହିଛି , ଏହା ସହିତ ବୟସ୍କ ଭୋଟର ଓ ଭିନ୍ନକ୍ଷମ ଭୋଟରମାନେ କିପରି ସୁବିଧାରେ ନିଜର ମତଦାନଭକରିବେ ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଗଜପତି ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର,ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଡ଼.ଗୁଣାନିଧି ନାୟକ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା , ଡେପୁଟୀ କଲେକ୍ଟର ଶ୍ରୀ କମଳକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ମହାନଦୀ ଅବବାହିକା ବାଲିଡିଆ ଆମ୍ବଗଛ ଘୋଲାରେ ବ୍ୟାପକ ହେନ୍ତାଳ ଚ଼ାରାରୋପଣ

ପାରାଦୀପ,(ପି.ଏନ): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ପରିବେଶ ଓ ପ୍ରକୃତିପ୍ରେମୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ତରଫରୁ ଦୀର୍ଘ ଦୁଇ ମାସ ଧରି ଲଗାତାର ଭାବେ ବ୍ୟାପକ ହେନ୍ତାଳ ଚ଼ାରା ରୋପଣ କାର୍ଯ୍ୟକ୍ରମ ଚ଼ାଲୁ ରହିଛି । ବାଲିଡିଆ ସନ୍ନିକଟ ମହାନଦୀର ମଧ ଭାଗରେ ଥିବା ଆମ୍ବଗଛଘୋଲା, ସିଙ୍ଗିଟାଳି ନିକଟସ୍ଥ ଗୋଲେଇ ଜୋର ଓ ଫୁଲବେଲାରୀ ନିକଟସ୍ଥ ତେଲେଙ୍ଗାଡିଆ ଏବଂ ବରେଇ ଜୋରର ବ୍ୟାପକ ଅଞ୍ଚଳରେ ଦୀର୍ଘ ଦୁଇ ମାସ ଧରି ଏପର୍ଯ୍ୟନ୍ତ ପାଞ୍ଚ ହଜାରରୁ ଉର୍ଦ୍ଧ ଚ଼ାରାରୋପଣ କରାଯାଇସାରିଲାଣି । ଦଶ ବର୍ଷ ତଳେ ବାଲିଡିଆ ନିକଟସ୍ଥ ଆମ୍ବଗଛଘୋଲାରେ ଲଗାଯାଇଥିବା ଦୁଇ ହଜାର ଓରୁଅ,କେରୁଆ ମଞ୍ଜି ଓ ଚ଼ାରା ବର୍ତମାନ ମହାଦ୍ରୁମରେ ପରିଣତ ହୋଇସାରିଛି କ୍ଷ ଏବେ ସେହି ସ୍ଥାନର ଅବଶିଷ୍ଟ ଅଂଶରେ ତିନି ହଜ଼ାରରୁ ଉର୍ଦ୍ଧ ବ୍ୟାପକ ସିନ୍ଦୁକା, ବଣି, ରାଇ,ଗାରଣୀ ଆଦି ଚ଼ାରାରୋପଣ କରିବା ସହିତ ସ୍ଥାନୀୟ ମତ୍ସ୍ୟଜୀବି ଓ ମଇଶି ରଖି ଜୀବକା ନିର୍ବାହ କରୁଥିବା



ବ୍ୟକ୍ତିବିଶେଷଙ୍କୁ ଉପକୂଳ ଅଞ୍ଚଳରେ ହେନ୍ତାଳ ଜଙ୍ଗଲର ଆବଶ୍ୟକତା ବିଷୟରେ ବ୍ୟପାକ ସଚେତନତା କରାଯାଇଛି । ସେହିପରି ତିନି ବର୍ଷ ତଳେ ଫୁଲବେଲାରୀ ରେ ଅନୁଷ୍ଠାନ ତରଫରୁ ଶତାଧିକ ହେନ୍ତାଳ ମଞ୍ଜି ରୋପଣ କରାଯାଇଥିଲା । ସେଥିରେ ବ୍ୟାପକ ଅଗ୍ରଗତି ପରିଲକ୍ଷିତ ହେବାରୁ ଏହି ବର୍ଷ ପୁଣି ସେଇ ସ୍ଥଳରେ ଦୁଇ ହଜାରରୁ ଉର୍ଦ୍ଧ ସିନ୍ଦୁକା,ଗାରାଣୀ,ବନ୍ଦରି, କାଳିଆଚୂଆ, ପେନସିଲ ପ୍ରଭୃତି ଚ଼ାରା ପୁନଃରୋପଣ କରାଯାଇଛି । ଉକ୍ତ ସ୍ଥାନରେ ନଦୀ ତାର ଗତିପଥ ବାରମ୍ବାର ବଦଳାଇ ଅତ୍ୟଧିକ କୂଳ ଖାଉଛି,ଯାହାଦ୍ୱାରା ପ୍ରଚୁର ମାତ୍ରାରେ ମୃତ୍ତିକା କ୍ଷୟ ହେଉଛି । ଏହି ବ୍ୟାପକ ଚ଼ାରାରୋପଣ ଓ ହେନ୍ତାଳ ବନ ସୃଷ୍ଟି ଦ୍ୱାରା ଏସବୁ ବିପର୍ଯ୍ୟୟକୁ ପ୍ରତିହତ କରାଯାଇପାରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଏହି ବିଶେଷ ଚ଼ାରାରୋପଣ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ତରଫରୁ ନିକଟରେ ଦ୍ୱିତୀୟ ଥର ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ଅମରେଶ ନରେଶ ସାମନ୍ତ, ଅନୁଷ୍ଠାନର ସମ୍ପାଦକ ଦିଲୀପ ପଲାଇ, ବିଶ୍ୱାଳୀ ଗ୍ରାମର ମୁରବି ପରିକ୍ଷିତ ସାମଲ,ବରିଷ୍ଠ ସଭ୍ୟ ଅମୁଲ୍ୟ ଦାସ,ବିଶ୍ୱଜିତ ଦାସ, ଜିତେନ୍ଦ୍ର ସାମଲ, ଦେବେନ୍ଦ୍ର ସାମଲ, ଶ୍ରୀଧର ସାମଲ ପ୍ରମୁଖ ସାମିଲ ହୋଇଥିଲେ କ୍ଷ ଏହି ଚ଼ାରରୋପଣ କାର୍ଯ୍ୟକ୍ରମ ଆଗାମୀ ମେ ମାସ ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ଚ଼ାଲୁ ରହିବ । ଅନୁଷ୍ଠାନର ଏଭଳି ମହତ କାର୍ଯ୍ୟକ୍ରମକୁ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ଓ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି ।

## ଧର୍ମଶାଳା ବିଜେପିର ମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେପିର ଏକ ମିଶ୍ରଣ ପର୍ବ ଜାରକା(କୁମାରୀ)ସ୍ଥିତ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଛି । ବିଜେପି ଯୁବନେତା ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ସିଂହାପୁର ପଂଚାୟତର ଶଙ୍କର୍ଷଣ ସାମଲ, ଇନ୍ଦ୍ରଜିତ୍ ମାଝି, ତପନ ସାମଲ, ରସୁଲପୁର ପଂଚାୟତର ବାଙ୍କବିହାରୀ ମଲ୍ଲିକ, ଆଦିକନ୍ଦ ସାହୁ, ବିପ୍ଳବ ମଲିକ, ଆନନ୍ଦ ସାହୁ, ନଠୁଆବର ପଂଚାୟତର ଅଶୋକ ମଲ୍ଲିକ, ବିଜୟ କୁମାର ମଲିକଙ୍କ ସମେତ ଅନ୍ୟ ଦଳର ବହୁ କର୍ମୀ ବିଜେପିରେ ଯୋଗ ଦେଇଥିଲେ । ନବାଗତମାନଙ୍କୁ ବିଜେପି ନେତା ଶ୍ରୀ



ସାହୁ(ଲିକୁ) ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଜିଲ୍ଲା ବିଜେପି କୃଷକମୋର୍ଚ୍ଚା ସଭାପତି ପାଣ୍ଡବ ଚରଣ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ଜିଲ୍ଲା କୃଷକମୋର୍ଚ୍ଚା ଉପସଭାପତି ଉପେନ୍ଦ୍ର କର, କାର୍ଯ୍ୟକର୍ତା ସୀତାକାନ୍ତ ଶତପଥୀ, ପ୍ରକାଶ ସାମଲ, ଆଲୋକ ଲେଙ୍କା, ରିତ୍ ଦୋରା, ଶରତ ଓଝା, ରବୀନ୍ଦ୍ର ବରାଳ, ନାରାୟଣ ମଲିକ, ଅକ୍ଷୟ କୁମାର ପଣ୍ଡା ଯୋଗ ବିଜେଡ଼ି ସରକାରର ଅପାରଗତା ଓ ଦୁର୍ନୀତି ବିରୋଧରେ ବର୍ଷିଥିଲେ । ଯୁବ ସଂଗଠକ ରାଜେଶ୍ କୁମାର ପାଳ, ଗୌତମ କୁମାର ସାହୁ, ବିଶ୍ୱଜିତ୍ ପୃଷ୍ଟି, ସୁଧୀର ବେହେରା, ଅଂଶୁମାନ ରଥ, ତପନ କୁମାର ନାଥ, ରାଜକିଶୋର ସ୍ୱାଇଁ, ରମେଶ ବେହେରା, ଲୋକନାଥ ମହାନ୍ତି, ବିଭୁରଂଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray